# REGIONAL NEWS UNIT, AIR CUTTACK

## Evening Bulletin (6.45PM)

### 15 October – 2025

********************************

## ମୁଖ୍ୟ ସମ୍ବାଦ

- ସାଧାରଣ ବଣ୍ଟନ ବ୍ୟବସ୍ଥାରେ ହିତାଧିକାରୀଙ୍କୁ ମାସିକ ୧୦ କିଲୋ ଚାଉଳ ଦେବା ପାଇଁ ସରକାରଙ୍କ ଲକ୍ଷ୍ୟ; କହିଲେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ
- 'ନିରନ୍ତର ସହରାଞ୍ଚଳ ବିକାଶ ଏବଂ ବିକଶିତ ଓଡ଼ିଶା-୨୦୩୬'ର ବିଷୟବସ୍ତୁ ନେଇ ଭୁବନେଶ୍ୱରରେ ଚଳିତ ମାସରେ ଅନୁଷ୍ଠିତ ହେବ ଓଡ଼ିଶା ସହରାଞ୍ଚଳ ସମ୍ମିଳନୀ
- ପର୍ଯ୍ୟଟକଙ୍କ ପାଇଁ ଆସନ୍ତା ଶନିବାରରୁ ଖୋଲାଯିବ ଶିମିଳିପାଳ ଜାତୀୟ ଉଦ୍ୟାନ

ଏବଂ

- କଟକ ବାରବାଟୀ ଷ୍ଟାଡିୟମରେ ଆଜିଠୁ ଆରମ୍ଭ ହେଲା ରଣଜୀ ଟ୍ରଫି କ୍ରିକେଟ ପ୍ରତିଯୋଗିତା

HS

## ରାସନକାର୍ଡ ଚାଉଳ ବୃଦ୍ଧି

ରାଜ୍ୟର ରାସନକାର୍ଡ ହିତାଧିକାରୀଙ୍କୁ ସରକାର ମୁଣ୍ଡପିଛା ୧୦ କିଲୋ ଚାଉଳ ପ୍ରଦାନ ପାଇଁ ଲକ୍ଷ୍ୟ ରଖିଛନ୍ତି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି। ରାଜ୍ୟରେ ବର୍ତ୍ତମାନ ପ୍ରାୟ ୩ କୋଟି ୨୫ ଲକ୍ଷ ରାସନକାର୍ଡ ହିତାଧିକାରୀ ଅଛନ୍ତି। ସରକାର ସମସ୍ତ ହିତାଧିକାରୀଙ୍କୁ ମୁଣ୍ଡପିଛା ୫ କିଲୋ ଚାଉଳ ପ୍ରଦାନ କରୁଛନ୍ତି। ଗରିବ ହିତାଧିକାରୀଙ୍କୁ ଏହା ପର୍ଯ୍ୟାପ୍ତ ହେଉ ନ ଥିବାରୁ ଆଗାମୀ ଦିନରେ ଏହାକୁ ବୃଦ୍ଧି କରାଯାଇ ୧୦ କିଲୋ କରିବା ପାଇଁ ସରକାର ଚିନ୍ତା କରୁଛନ୍ତି ବୋଲି ଶ୍ରୀ ପାତ୍ର କହିଛନ୍ତି।

HS

## ଓଡ଼ିଶା ସହରାଞ୍ଚଳ ସମ୍ମିଳନୀ

ଓଡ଼ିଶାର ସହରଗୁଡ଼ିକ କେବଳ ଅର୍ଥନୈତିକ ଅଭିବୃଦ୍ଧିର ଇଞ୍ଜିନ୍ ନୁହେଁ, ବରଂ ଆମ ସାମୂହିକ ଆକାଂକ୍ଷାର ଦର୍ପଣ ବୋଲି  ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ନୂଆ ସରକାର ସ୍ଥାୟୀ, ନମନୀୟ ଏବଂ ନାଗରିକ କୈନ୍ଦ୍ରିକ ସହରୀ ଭିତ୍ତିଭୂମି ନିର୍ମାଣ ପାଇଁ ପ୍ରତିଶ୍ରୁତିବଦ୍ଧ। ଏହି କ୍ରମରେ ଆସନ୍ତା ୨୩ରୁ ୨୪ ତାରିଖରେ ଭୁବନେଶ୍ୱର ଲୋକସେବା ଭବନରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଆୟୋଜିତ ହେବାକୁ ଥିବା 'ଓଡ଼ିଶା ସହରାଞ୍ଚଳ ସମ୍ମିଳନୀ-୨୦୨୫' ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ମନ୍ତ୍ରୀ ଡକ୍ଟର ମହାପାତ୍ର କହିଛନ୍ତି। **'ନିରନ୍ତର ସହରାଞ୍ଚଳ ବିକାଶ ଏବଂ ବିକଶିତ**

**ଓଡ଼ିଶା-୨୦୩୬ ଓ ବିକଶିତ ଭାରତ-୨୦୪୭'** ବିଷୟବସ୍ତୁ ଉପରେ ସମ୍ମିଳନୀ ପର୍ଯ୍ୟବେସିତ ।

କାର୍ଯ୍ୟକ୍ରମରେ ରାଜ୍ୟର ସମସ୍ତ ସହରାଞ୍ଚଳର ସ୍ଥାନୀୟ ସଂସ୍ଥାଗୁଡ଼ିକୁ ଏକତ୍ର କରାଯାଇ ସହରାଞ୍ଚଳ ଶାସନ, ସେବା ପ୍ରଦାନ ଏବଂ ନିରନ୍ତର ଅଭିବୃଦ୍ଧିର ପ୍ରମୁଖ ଦିଗ ଉପରେ ବିଚାରବିମର୍ଶ କରାଯିବ। ସହରାଞ୍ଚଳ ସେବା ପ୍ରଦାନ ବୃଦ୍ଧି, ନାଗରିକ ପ୍ରଥମ ଶାସନ ପାଇଁ ଡିଜିଟାଲ ରୂପାନ୍ତରଣକୁ ପ୍ରୋତ୍ସାହିତ କରିବା, ନିରନ୍ତର ଏବଂ ସମାବେଶୀ ସହରାଞ୍ଚଳ ବିକାଶ ଦିଗରେ ଏହି କାର୍ଯ୍ୟକ୍ରମ ସହାୟକ ହେବ ବୋଲି ମନ୍ତ୍ରୀ କହିଛନ୍ତି ।

Nuapada

## ବିଜେପି ପ୍ରାର୍ଥୀ ତାଲିକା ଘୋଷଣା

ଭାରତୀୟ ଜନତା ପାର୍ଟି ପକ୍ଷରୁ ଆଜି ୪ଟି ରାଜ୍ୟର ୫ଟି ବିଧାନସଭା ଉପନିର୍ବାଚନ ଆସନ ପାଇଁ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି। ଓଡ଼ିଶାର ନୂଆପଡ଼ା ଉପନିର୍ବାଚନ ପାଇଁ ସ୍ୱର୍ଗତଃ ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ଜୟ ଢୋଲକିଆଙ୍କୁ ଦଳ ପକ୍ଷରୁ ପ୍ରାର୍ଥୀ ଘୋଷଣା କରାଯାଇଛି। ଗତ ୧୧ ତାରିଖ ଶନିବାର ଦିନ ଜୟ ଢୋଲକିଆ ଦଳରେ ବିଧିବଦ୍ଧ ଭାବେ ସାମିଲ ହୋଇଥିଲେ। ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଶ୍ରୀ ଢୋଲକିଆ ନାମାଙ୍କନପତ୍ର ଦାଖଲ କରିବେ ବୋଲି ରାଜ୍ୟସଭା ସାଂସଦ ସୁଜିତ କୁମାର କହିଛନ୍ତି ।

ନୂଆପଡ଼ା ଉପନିର୍ବାଚନ ନେଇ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ ଏବଂ ପିସିସି ରାଜ୍ୟ ସଭାପତି ଭକ୍ତଚରଣ ଦାସ' ଆଜି ରିଟର୍ଣ୍ଣିଂ ଅଧିକାରୀଙ୍କୁ ସାକ୍ଷାତ କରି ନାମାଙ୍କନପତ୍ର ଦାଖଲ ସମ୍ପର୍କିତ ଅସୁବିଧା ସମ୍ପର୍କରେ ଆଲୋଚନା କରିଛନ୍ତି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

Nuapada

## ଉପନିର୍ବାଚନ- ଫର୍ମ

ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ଆଜି ସୁଦ୍ଧା କୌଣସି ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିନାହାଁନ୍ତି । ଆସନ୍ତା ନଭେମ୍ବର ମାସ ୧୧ ତାରିଖରେ ନୂଆପଡ଼ା ଉପନିର୍ବାଚନ ଅନୁଷ୍ଠିତ ହେବ । ଭାରତ ନିର୍ବାଚନ ଆୟୋଗଙ୍କ ବିଜ୍ଞପ୍ତି ଅନୁସାରେ ନିର୍ବାଚନ ପାଇଁ ନାମାଙ୍କନ ଶେଷ ତାରିଖ ଆସନ୍ତା ୨୦ ତାରିଖ ସୋମବାର ଧାର୍ଯ୍ୟ କରାଯାଇଛି । ସେହିଭଳି ୨୨ ତାରିଖ ବୁଧବାର ଦିନ ନାମାଙ୍କନପତ୍ର ଯାଞ୍ଚ ଓ ଶୁକ୍ରବାର ନାମାଙ୍କନପତ୍ର ପ୍ରତ୍ୟାହାରର ଶେଷ ତାରିଖ ରଖାଯାଇଛି । ନଭେମ୍ବର ୧୬ ତାରିଖ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବ ।

ନୂଆପଡ଼ା ଉପନିର୍ବାଚନ ନେଇ ଆଜି ୫ ଜଣ ପ୍ରାର୍ଥୀ ୬ଟି ଫର୍ମ କ୍ରୟ କରିବା ପରେ ତୃତୀୟ ଦିନରେ ସମୁଦାୟ ୧୫ଟି ଫର୍ମ ବିକ୍ରି ହୋଇଥିବା ଜଣାପଡ଼ିଛି । ସମୁଦାୟ ୧୪ ଜଣ ପ୍ରାର୍ଥୀ ୧୫ଟି ଫର୍ମ କିଣିଥିବା ସୂଚନା ମିଳିଛି ।

Desk

## ପୋଷଣ ମାସ

ସନ୍ତୁଳିତ ଆହାର ଓ ଉନ୍ନତ ଜୀବନଶୈଳୀ ସୁସ୍ଥ ଶରୀରର ଦୁଇଟି ଗୁରୁତ୍ୱପୂର୍ଣ୍ଣ କାରକ ବୋଲି ରାଜ୍ୟସ୍ତରୀୟ ରାଷ୍ଟ୍ରୀୟ ଅଷ୍ଟମ ପୋଷଣ ମାସର ଉଦ୍‌ଯାପନୀ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମହିଳା ଓ ଶିଶୁବିକାଶ ବିଭାଗ ଆନୁକୂଲ୍ୟରେ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଚଳିତ ବର୍ଷ ଆରମ୍ଭ କରାଯାଇଥିବା ପୋଷଣ ମାସ ଜନସଚେତନତା ଏକ ଜନଆନ୍ଦୋଳନରେ ପରିଣତ ହୋଇଛି। ଏକ ମାସ ଧରି ସଚେତନତା ଅଭିଯାନରେ ମେଦବହୁଳତା ରୋକିବା ପାଇଁ ଖାଦ୍ୟରେ ଚିନି ଓ ତେଲ ଜାତୀୟ ଉପାଦାନ କମ୍ କରିବା, ଆଦ୍ୟ ଶୈଶବ ଅବସ୍ଥାରେ ଶିଶୁର ଯତ୍ନ ଓ ପୋଷଣ ବଢ଼ାଇବା ଆଦି ବିଷୟବସ୍ତୁ ଉପରେ ଗୁରୁତ୍ୱ ଦିଆଯାଇଛି।

Desk

## ଶିମିଳିପାଳ ଖୋଲାଯିବ

ପର୍ଯ୍ୟଟକଙ୍କ ପାଇଁ ଆସନ୍ତା ଶନିବାରରୁ ଶିମିଳିପାଳ ଜାତୀୟ ଉଦ୍ୟାନ ଖୋଲାଯିବ। କଟକଣା ହଟିବାପରେ ପର୍ଯ୍ୟଟକମାନେ ଶିମିଳିପାଳ ବୁଲି ପାରିବେ। ଗତ ଜୁଲାଇ ପହିଲାରୁ ପର୍ଯ୍ୟଟକଙ୍କ ପାଇଁ ଶିମିଳିପାଳ ଜାତୀୟ ଉଦ୍ୟାନ ବନ୍ଦ ରହିଥିଲା।

Nayagarh

## କର୍ମନିଯୁକ୍ତି ଜନଶୁଣାଣି

ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା – ଏମ୍.ଜି.ଏନ୍.ଆର୍.ଇ.ଜି.ଏସ୍. ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ସମ୍ପର୍କିତ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ଖଣ୍ଡପଡ଼ା ବିଡିଓ ଅଙ୍କୁର ଅଭିଳାଷ ପ୍ରମୁଖ ଯୋଗଦେଇ ଖଣ୍ଡପଡ଼ା ବ୍ଲକ ଅଧୀନରେ ୨୨ ପଞ୍ଚାୟତରେ ଚାଲିଥିବା ଏମ୍.ଜି.ଏନ୍.ଆର୍.ଇ.ଜି.ଏସ.ର ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି ଯୋଜନାରେ ୨୦୨୪-୨୫ ଆର୍ଥିକ ବର୍ଷରେ ୩୭୩ଟି ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଥିବା ବେଳେ ମୋଟ୍ ୨୧ ହଜାର ୩୫ ଜଣଙ୍କୁ ଜବକାର୍ଡ ପ୍ରଦାନ କରାଯାଇଥିବା ସୂଚନା ମିଳିଛି।

Ganjam

## ଇ-କେୱାଇସି

ଗଞ୍ଜାମ ଜିଲ୍ଲାରେ ୧ ଲକ୍ଷ ୬୧ ହଜାର ୧୭୨ ଜଣ ହିତାଧିକାରୀ ଇ-କେୱାଇସି କରି ନ ଥିବା ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ରାଉତରାୟ ଆଜି ସୂଚନା ଦେଇଛନ୍ତି। ଜିଲ୍ଲାରେ ୨୬ ଲକ୍ଷ ୩୯ ହଜାର ୨୭୪ ଜଣ ହିତାଧିକାରୀ ରହିଥିବା ବେଳେ ଆଜି ସୁଦ୍ଧା ୨୪ ଲକ୍ଷ ୭୮ ହଜାର ୭୦ ଜଣ ହିତାଧିକାରୀ ଇ-କେୱାଇସି କରିଛନ୍ତି। ଇ-କେୱାଇସି କରି ନ ଥିବା ହିତାଧିକାରୀମାନଙ୍କୁ ସୁବିଧା ମିଳିବ ନାହିଁ ବୋଲି ନିକଟରେ ବିଭାଗୀୟ ନିର୍ଦ୍ଦେଶ ଆସିବା ପରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ

ପଞ୍ଚାୟତ ସ୍ତରରେ ଲୋକଙ୍କୁ ସଚେତନ କରାଯାଉଛି ବୋଲି ଶ୍ରୀ ରାଉତରାୟ ସୂଚନା ଦେଇଛନ୍ତି।

Nayagarh

## ଗ୍ରନ୍ଥାଗାର ଉଦ୍‌ଘାଟିତ

ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ସଦର ମହକୁମାରେ ଥିବା ନୂଆଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଜ୍ଞାନ ବିଭାଗ ଓ ଗ୍ରନ୍ଥାଗାର ଗୃହକୁ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆଜି ଉଦ୍‌ଘାଟନ କରିଛନ୍ତି। ଜାତୀୟ ଶିକ୍ଷାନୀତିର ଆଭିମୁଖ୍ୟ ସମ୍ପର୍କରେ ମନ୍ତ୍ରୀ ଶ୍ରୀ ଗଣ୍ଡ ଆଲୋକପାତ କରିବା ସହ ରାଜ୍ୟରେ ନିଯୁକ୍ତି ପାଇଥିବା ୩୦ ହଜାର ଯୁବକ ଯୁବତୀଙ୍କ ମଧ୍ୟରୁ ୨୦ ହଜାର କେବଳ ଶିକ୍ଷକ/ଶିକ୍ଷୟିତ୍ରୀ ରହିଥିବା କହିଛନ୍ତି। କାର୍ଯ୍ୟକ୍ରମରେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ନୟାଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ।

Kandhamala

## ପ୍ରକଳ୍ପ ଓ ଯୋଜନା ସମୀକ୍ଷା

କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ସଭାଗୃହରେ ଆଜି ୧୨ତମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଉମାଚରଣ ମଲ୍ଲିକଙ୍କ ଉପସ୍ଥିତିରେ ବ୍ଲକର ସମସ୍ତ ସରପଞ୍ଚ, ସମିତିସଭ୍ୟ, ବିଡିଓ, ତହସିଲଦାର, ଯନ୍ତ୍ରୀ ଯୋଗଦେଇ ସରକାରଙ୍କ ବିଭିନ୍ନ ପ୍ରକଳ୍ପ ଓ ଯୋଜନା ସମ୍ପର୍କରେ ସମୀକ୍ଷା କରିଛନ୍ତି।

Boudh

## ପାନୀୟ ଜଳ ପ୍ରକଳ୍ପ

ବୌଦ୍ଧ ଓ କନ୍ଧମାଳ ଜିଲ୍ଲାର ବିଭିନ୍ନ ଅଞ୍ଚଳକୁ ମହାନଦୀରୁ ପାନୀୟଜଳ ଯୋଗାଇ ଦେବା ପାଇଁ ହରଭଙ୍ଗା ବ୍ଲକ ପାଣିଘରାଠାରେ ନିର୍ମାଣାଧୀନ ପାନୀୟ ଜଳ ପ୍ରକଳ୍ପର ଆଜି ବୌଦ୍ଧ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଓ କନ୍ଧମାଳ ଜିଲ୍ଲାପାଳ ବେଦଭୂଷଣ ସମୀକ୍ଷା କରିଛନ୍ତି। ନିର୍ମାଣକାର୍ଯ୍ୟ ଶୀଘ୍ର ଶେଷ କରିବାକୁ ସେମାନେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

BHK

## ଜିଲ୍ଲା ପରିଷଦ ବୈଠକ

ଭଦ୍ରକ ଜିଲ୍ଲା ପରିଷଦ କାର୍ଯ୍ୟାଳୟଠାରେ ଅଷ୍ଟମ ଜିଲ୍ଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ପ୍ରମୁଖ ଯୋଗଦେଇ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା, କୃଷି, ଗ୍ରାମ୍ୟ ଉନ୍ନୟନ, ପାନୀୟ ଜଳଯୋଗାଣ ଆଦି ପ୍ରକଳ୍ପଗୁଡ଼ିକର ସମୀକ୍ଷା କରିଛନ୍ତି।

Deogarh

## ପୋଷଣ ମାସ

ଦେବଗଡ଼ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ପୋଷଣ ମାସ ପାଳନ କରାଯାଇଛି। କାର୍ଯ୍ୟକ୍ରମକୁ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଉଦ୍‌ଘାଟନ କରି କହିଛନ୍ତି, ଶିଶୁଙ୍କୁ ପୁଷ୍ଟିକର ତଥା ପୋଷଣଯୁକ୍ତ ଖାଦ୍ୟ ଯୋଗାଇବା ନିତ୍ୟାନ୍ତ ଜରୁରୀ। ଶିଶୁଙ୍କ ବିକାଶ ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାକୁ ଲୋକାଭିମୁଖୀ କରିବା ଏବଂ ସୁସ୍ଥ

ଜୀବନଶୈଳୀ ଆପଣାଇବା ଉପରେ ଆଲୋକପାତ କରାଯାଇଥିଲା । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

Rayagada

## ପୋଷଣ ମାସ

ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଓ ଶିଶୁ ବିକାଶ ବିଭାଗର ମିଳିତ ସହଯୋଗରେ ଆଜି ରାୟଗଡ଼ାଠାରେ ଜିଲ୍ଲାସ୍ତରୀୟ ଅଷ୍ଟମ ରାଷ୍ଟ୍ରୀୟ ପୋଷଣ ମାସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଆଇ.ସି.ଡି.ଏସ୍. ପକ୍ଷରୁ ପୋଷଣଯୁକ୍ତ ଖାଦ୍ୟ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା । ସ୍କୁଲ, କଲେଜ, ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପୋଷଣଭିତ୍ତିକ ଚିତ୍ରାଙ୍କନ, ତର୍କ, କୁଇଜ ଓ ବକ୍ତୃତା ପ୍ରତିଯୋଗିତାର ବିଜେତାମାନଙ୍କୁ ସମ୍ମାନପତ୍ର ଓ ଟ୍ରଫି ଦିଆଯାଇଥିଲା ।

Deogarh

## ଯୌତୁକ ନିଷେଧ ଆଇନ

ଦେବଗଡ଼ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଯୌତୁକ ନିଷେଧ ଆଇନ-୧୯୬୧ ସମ୍ପର୍କିତ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଯୋଗଦେଇ ଯୌତୁକ ନିରୋଧ ଆଇନ ସମ୍ପର୍କିତ ବିଭିନ୍ନ ଦିଗରେ ଆଲୋଚନା କରିଥିଲେ ।

Desk

# ରଣ୍ଜୀ

କଟକ ବାରବାଟୀ ଷ୍ଟାଡିୟମ୍‌ରେ ଆଜିଠାରୁ ରଣ୍ଜୀ ଟ୍ରଫି କ୍ରିକେଟ୍ ପ୍ରତିଯୋଗିତା ୨୦୨୫-୨୬ ଆରମ୍ଭ ହୋଇଛି । ଆଜି ପ୍ରଥମ ଦିନରେ ଓଡ଼ିଶା ଓ ବରୋଦା ମଧ୍ୟରେ ମ୍ୟାଚ୍ ଖେଳାଯାଉଛି। ଶୁଭ୍ରାଂଶୁ ସେନାପତି ଓଡିଶା ଦଳର ନେତୃତ୍ୱ ନେଉଛନ୍ତି ।

Nabarangpur

## ବ୍ୟାଡମିଣ୍ଟନ ପ୍ରତିଯୋଗିତା

ନବରଙ୍ଗପୁର ଜିଲ୍ଲା ଉମରକୋଟଠାରେ ୬୯ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ବ୍ୟାଡମିଣ୍ଟନ ଓ ସିପାକଟାକ୍ରୋ ପ୍ରତିଯୋଗିତା ଆସନ୍ତାକାଲିଠାରୁ ୧୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏ ନେଇ ଆଜି ଜିଲ୍ଲାପାଳଙ୍କ ବାସଭବନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ୬୪୭ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି।

Ganjam

## ଗ୍ରାମାଞ୍ଚଳ ମହିଳା ଦିବସ

ଅର୍ନ୍ତଜାତୀୟ ଗ୍ରାମାଞ୍ଚଳ ମହିଳା ଦିବସ ଅବସରରେ ବାଂଲାଦେଶ ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳ ମହିଳା ଉଦ୍ୟୋଗୀମାନଙ୍କ ଏକ କାର୍ଯ୍ୟକ୍ରମ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏସିଆ ମହାଦେଶର ୭ଟି ରାଷ୍ଟ୍ରର ମହିଳା ଉଦ୍ୟୋଗୀମାନେ ଭାଗ ନେଇଥିବା ବେଳେ ଭାରତରୁ ଦୁଇ ଜଣ ମହିଳା ଉଦ୍ୟୋଗୀ ଅଂଶଗ୍ରହଣ କରିଥିଲେ।

ସେମାନେ ହେଲେ ଗଞ୍ଜାମ ଜିଲ୍ଲା ଛତ୍ରପୁର ଶ୍ରୀରାମପୁର ପଞ୍ଚାୟତର ଏସ୍.ଜ୍ୟୋତି ରେଡ୍ଡୀ ଓ ନରେନ୍ଦ୍ରପୁର ପଞ୍ଚାୟତର ସଙ୍ଗୀତା ଦଳାଇ। ଏସ୍.ଜ୍ୟୋତି ୨ଲକ୍ଷ ୭୫ ହଜାର ଟଙ୍କା ଋଣ କରି ଦେଶୀ କୁକୁଡ଼ା ଏବଂ କିଆଫୁଲ ବ୍ୟବସାୟ କରି ବାର୍ଷିକ ୫ ଲକ୍ଷ ଟଙ୍କା ରୋଜଗାର କରିବାରେ ସଫଳ ହୋଇଛନ୍ତି। ସେହିପରି ସଙ୍ଗୀତା ପ୍ରଥମେ ୪୦ ହଜାର ଟଙ୍କା ଋଣ ନେଇ ୧୦ଟି ଗାଈ ରଖି ପରବର୍ତ୍ତୀ ସମୟରେ ଜଣେ ସଫଳ ଉଦ୍ୟୋଗୀ ହୋଇ ବାର୍ଷିକ ୨ ଲକ୍ଷ ଟଙ୍କା ରୋଜଗାର କରିବାରେ ସକ୍ଷମ ହୋଇଛନ୍ତି।

HS

## ବିଶ୍ୱ ଧଳାବାଡ଼ି ଦିବସ

'ଧଳାବାଡ଼ି' ଦୃଷ୍ଟିବାଧିତଙ୍କ ସ୍ୱାଧୀନତା ଓ ସ୍ୱାଭିମାନର ପ୍ରତୀକ ବୋଲି  ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ନିର୍ଦ୍ଦେଶିକା ସୁଶ୍ରୀ ପାରୁଲ ପଟ୍ଟୱାରୀ କହିଛନ୍ତି। ଭୁବନେଶ୍ୱରଠାରେ ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ଧଳାବାଡ଼ି ଦିବସ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ସୁଶ୍ରୀ ପଟ୍ଟୱାରୀ କହିଛନ୍ତି, ଦୃଷ୍ଟିବାଧିତ ବ୍ୟକ୍ତିଙ୍କୁ ସମାଜରେ ଆତ୍ମନିର୍ଭରଶୀଳ କରିବା ପାଇଁ ଧଳାବାଡ଼ିର ମହତ୍ତ୍ୱପୂର୍ଣ୍ଣ ଅବଦାନ ରହିଛି। ରାଜ୍ୟ ସରକାର ଦୃଷ୍ଟିବାଧିତମାନଙ୍କ ପାଇଁ ଦେଶର ପ୍ରଥମ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଲକ୍ଷ୍ୟ ରଖିଛନ୍ତି। ଏହି ଅବସରରେ ଦୃଷ୍ଟିବାଧିତ ଛାତ୍ରଛାତ୍ରୀମାନଙ୍କୁ ଧଳାବାଡ଼ି ବିତରଣ କରାଯିବା ସହ 'ଶ୍ୱେତସାଥୀ' ଶୀର୍ଷକ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା।